# ସତ୍ୟବାକ୍ୟ

# THE WORD OF TRUTH

## JANUARY & FEBRUARY 2016

An Oriya Bimonthly Bulletin
Published by the Church of Christ

# THE VOICE OF TRUTH

**Edited & Published By**
**Joshua & Kabita Gootam**

# CHURCH OF CHRIST

P.O. Box. No-80, Kakinada
A.P. -533001.
Ph : 0884-2363722.

Vol-21. Jan&Feb-2016. No-01

*Published every two months in Oriya language for the restoration of the pure New Testament Christianity.*

---

## The Priestly Blessings

***Title:*** **The Priestly Blessings of Israel**

***Text:*** **"The LORD bless thee, and keep thee: The LORD make his face shine upon thee, and be gracious unto thee: The LORD lift up his countenance upon thee, and give thee peace. And they shall put my name upon the children of Israel; and I will bless them." (Num. 6:24-27).**

***Thesis:*** **To studyPriestly Blessings Over Israel and apply to Christian age.**

### *Introduction:*

1. The Israelites were being prepared to move from Mt. Sinai towards the Promised Land.
2. The Lord detailed to Moses His laws concerning the Nazirites (Num.6:1 – 21).
3. The Lord dictated a prayer of blessing to be recited by the priests. (Num.6: 22,23).
4. In this lesson we will study:
   a. God's blessing over Israel.
   b. God's blessings for Christians.
   c. Lessons we can learn.

# ସତ୍ୟବାଣୀ
# VOICE OF TRUTH

VOL - XXI KAKINADA JAN-FEB-2016

## ପବିତ୍ର ଆତ୍ମା କିଏ ?
## (Who is the Holy Spirit)

ପବିତ୍ର ଆତ୍ମାଙ୍କ ବିଷୟରେ ଓ ତାହାଙ୍କ କାର୍ଯ୍ୟ ବିଷୟରେ ଜାଣିବା ଆମ୍ଭମାନଙ୍କୁ ଅତ୍ୟାବଶ୍ୟକ । ଆଜିର ସମାଜରେ ତାହାଙ୍କ ବିଷୟରେ ଓ ତାହାଙ୍କ କାର୍ଯ୍ୟ ବିଷୟରେ ଅନେକେ ବିଭ୍ରାନ୍ତ ଅଟନ୍ତି । ତାହାଙ୍କ ବିଷୟରେ ନ ଜାଣି ତାହାଙ୍କୁ ଅଗ୍ରାହ୍ୟ କରନ୍ତି ଓ ଅନେକଙ୍କର ତାହାଙ୍କ ବିଷୟକ ଜ୍ଞାନ ନାହିଁ । ତାହାଙ୍କ ବିଷୟରେ ବାଇବଲ କଅଣ କହେ ?

ଐଶ୍ୱରିକତ୍ୱର ତୃତୀୟ ବ୍ୟକ୍ତି 'ପବିତ୍ର ଆତ୍ମା' ଅଟନ୍ତି ବୋଲି ଆମ୍ଭମାନଙ୍କୁ ଧର୍ମଶାସ୍ତ୍ର ସୁସ୍ପଷ୍ଟ କରେ । ସେ ପିତା ସଦାପ୍ରଭୁ ଓ ପୁତ୍ର ଯୀଶୁଖ୍ରୀଷ୍ଟଙ୍କ ସମତୁଲ୍ୟ ପରମେଶ୍ୱର ଅଟନ୍ତି । ସେ ସୃଷ୍ଟିରେ ଓ ପୁରାତନ ନିୟମର ଅନେକ ପ୍ରଧାନ ଘଟଣା ସମୟରେ ଉପସ୍ଥିତ ଥିଲେ । ଏହି ବାଖ୍ୟାନରେ ଯୀଶୁଖ୍ରୀଷ୍ଟଙ୍କ ସମୟରେ ଓ ପ୍ରେରିତମାନଙ୍କ ଜୀବନକାଳରେ ତାହାଙ୍କ କାର୍ଯ୍ୟ ବିଷୟରେ ବିଶ୍ଳେଷଣ କରିବା ।

ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ସମୟ ବିଷୟରେ ବାକ୍ୟରେ କୁହାଯାଏ, ''ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଏହି ପ୍ରକାରେ ହେଲା । ତାହାଙ୍କ ମାତା ମରିୟମଙ୍କର ଯୋଷେଫଙ୍କ ସହିତ ବିବାହ ନିର୍ବନ୍ଧ ହେଲା ପରେ ସେମାନଙ୍କ ସହବାସ ପୂର୍ବେ ସେ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ଗର୍ଭବତୀ ହୋଇଅଛନ୍ତି ବୋଲି ଜଣାପଡ଼ିଲା । ଏଥିରେ ତାଙ୍କ ସ୍ୱାମୀ ଧାର୍ମିକ ଥିବାରୁ ଏବଂ ତାଙ୍କୁ ପ୍ରକାଶରେ ନିନ୍ଦାର ପାତ୍ର କରିବାକୁ ଇଚ୍ଛା ନ କରିବାରୁ ଗୋପନରେ ତାଙ୍କୁ ପରିତ୍ୟାଗ କରିବାକୁ ସ୍ଥିର କଲେ । କିନ୍ତୁ ସେ ଏହା ମନସ୍ଥ କଲା ପରେ, ଦେଖ, ପ୍ରଭୁଙ୍କର ଜଣେ ଦୂତ ସ୍ୱପ୍ନରେ ତାଙ୍କୁ ଦର୍ଶନ ଦେଇ କହିଲେ, ହେ ଦାଉଦ ସନ୍ତାନ

ଯୋଷଫ, ତୁମ୍ଭର ଭାର୍ଯ୍ୟା ମରିମୟଙ୍କୁ ଗ୍ରହଣ କରିବାକୁ ଭୟ କର ନାହିଁ, କାରଣ ତାଙ୍କର ଗର୍ଭ ପବିତ୍ର ଆତ୍ମାଙ୍କ କର୍ତ୍ତୃକ ହୋଇଅଛି । ସେ ପୁତ୍ର ପ୍ରସବ କରିବେ, ଆଉ ତୁମ୍ଭେ ତାହାଙ୍କ ନାମ ଯୀଶୁ ଦେବ, କାରଣ ସେ ଆପଣା ଲୋକଙ୍କୁ ସେମାନଙ୍କର ସମସ୍ତ ପାପରୁ ପରିତ୍ରାଣ କରିବେ । ଭାବବାଦୀଙ୍କ ଦ୍ୱାରା ପ୍ରଭୁଙ୍କ ବାକ୍ୟ ଯେପରି ସଫଳ ହୁଏ, ଏଥି ନିମନ୍ତେ ଏ ସମସ୍ତ ଘଟିଲା । ଏଥିରେ ଯୋଷେଫ ନିଦ୍ରାରୁ ଉଠି ପ୍ରଭୁଙ୍କ ଦୂତ ତାଙ୍କୁ ଯେପରି ଆଜ୍ଞା ଦେଇଥିଲେ, ସେହିପରି କଲେ ଓ ନିଜ ଭାର୍ଯ୍ୟାଙ୍କୁ ଗ୍ରହଣ କଲେ । କିନ୍ତୁ ସେ ପୁତ୍ର ପ୍ରସବ ନ କରିବା ପର୍ଯ୍ୟନ୍ତ ତାଙ୍କ ସହବାସ କଲେ ନାହିଁ, ଆଉ ସେ ପୁତ୍ରଙ୍କ ନାମ ଯୀଶୁ ଦେଲେ ।'' (ମାଥିଉ ୧:୧୮-୨୫)

ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ସମୟରେ ପବିତ୍ର ଆତ୍ମାଙ୍କ କାର୍ଯ୍ୟ ବିଷୟରେ ଏଠାରେ ବର୍ଣ୍ଣନା କରାଯାଇଅଛି । ପବିତ୍ର ଆତ୍ମାଙ୍କ ନିର୍ଦ୍ଦେଶନାରେ ଭାବବାଦୀ ଯିଶାଇୟ ପ୍ରକଟ କରି ଲେଖିଥିଲେ, ''ଏ ହେତୁ ପ୍ରଭୁ ଆପେ ତୁମ୍ଭମାନଙ୍କୁ ଏକ ଚିହ୍ନ ଦେବେ, ଦେଖ, ଏକ କନ୍ୟା ଗର୍ଭବତୀ ହୋଇ ଏକ ପୁତ୍ର ପ୍ରସବ କରିବ ଓ ତାହାର ନାମ ଇମ୍ମାନୁୟେଲ (ଆମ୍ଭମାନଙ୍କ ସହ ପରମେଶ୍ୱର) ରଖିବ । ଅନ୍ୟ ପକ୍ଷରେ, ମରିୟମ ପବିତ୍ର ଆତ୍ମାଙ୍କ କର୍ତ୍ତୃକରେ ଗର୍ଭବତୀ ହୋଇଥିଲେ ବୋଲି ମାଥିଉ ସୁସମାଚାରରେ ପଢ଼ିପାରୁ । ପ୍ରଭୁଙ୍କ ଦ୍ୱାରା ଭାବବାଦୀ ଯିଶାଇୟ ପ୍ରକଟ କରିଥିବା ଭାବବାଣୀ ସଫଳାର୍ଥେ କନ୍ୟା ମରିୟମ ଗର୍ଭବତୀ ହୋଇଥିଲେ ।

ଜିଖରିୟ ଓ ତାହାଙ୍କ ଭାର୍ଯ୍ୟା ବନ୍ଧ୍ୟା ଏଲୀଶାବେଥଙ୍କ ବୃଦ୍ଧାବସ୍ଥାରେ ପବିତ୍ର ଆତ୍ମାଙ୍କ ଶକ୍ତିରେ ଏକ ସନ୍ତାନ ଜନ୍ମଗ୍ରହଣ କରିଥିଲେ । (ଲୂକ ୧ମ ଅଧ୍ୟାୟ) । ପରମେଶ୍ୱରଙ୍କ ବାକ୍ୟର ଆଜ୍ଞାବହମାନଙ୍କୁ ସେ ବାପ୍ତିସ୍ମ ଦେଉଥିବାରୁ, ସେ 'ବାପ୍ତିଜକ ଯୋହନ' ନାମରେ ଖ୍ୟାତ । ସେ ଖ୍ରୀଷ୍ଟଙ୍କ ନିମନ୍ତେ ପଥ ପ୍ରସ୍ତୁତ କରିବା ନିମନ୍ତେ, ଖ୍ରୀଷ୍ଟଙ୍କ ପୂର୍ବେ ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ । ସେ ଯୀଶୁଙ୍କ ବିଷୟରେ ପ୍ରଚାର କରି କହିଥିଲେ, ''ମୁଁ ସିନା ତୁମ୍ଭମାନଙ୍କୁ ମନ ପରିବର୍ତ୍ତନ ନିମନ୍ତେ ଜଳରେ ବାପ୍ତିସ୍ମ ଦେଉଅଛି, ମାତ୍ର ମୋ ଉତ୍ତାରେ ଯେ ଆସୁଅଛନ୍ତି, ସେ ମୋ' ଠାରୁ ଅଧିକ ଶକ୍ତିମାନ, ତାହାଙ୍କ ପାଦୁକା ବହନ କରିବା ପାଇଁ ମୁଁ ଯୋଗ୍ୟ ନୁହେଁ । ସେ ତୁମ୍ଭମାନଙ୍କୁ ପବିତ୍ର ଆତ୍ମା ଓ ଅଗ୍ନିରେ ବାପ୍ତିସ୍ମ ଦେବେ । ତାହାଙ୍କ ହାତରେ କୁଲା ଅଛି, ଆଉ ସେ ନିଜ ଖଳା ଉତ୍ତମ ରୂପେ ପରିଷ୍କାର କରି ଆପଣା ଗହମ ଅମାରରେ ସଂଗ୍ରହ କରି ରଖିବେ, କିନ୍ତୁ ଅଗାଡ଼ିଯାକ ଅନିର୍ବାଣ ଅଗ୍ନିରେ ପୋଡ଼ି ପକାଇବେ ।

''ସେତେବେଳେ ଯୀଶୁ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ନିମନ୍ତେ ଗାଲୀଲୀରୁ ଯର୍ଦ୍ଦନ କୁ ଆସିଲେ, କିନ୍ତୁ ଯୋହନ ତାହାଙ୍କୁ ନିବାରଣ କରିବାକୁ ଚେଷ୍ଟା କରି କହିଲେ, ଆପଣଙ୍କ ଦ୍ୱାରା ବାପ୍ତିଜିତ ହେବା ମୋହର ପ୍ରୟୋଜନ, ଆଉ ଆପଣ ମୋ ନିକଟକୁ ଆସୁଅଛନ୍ତି ? ମାତ୍ର ଯୀଶୁ ତାହାଙ୍କୁ ଉତ୍ତର ଦେଲେ, ଏବେ ପ୍ରସ୍ତୁତ ହୁଅ, କାରଣ ଏହି ପ୍ରକାରେ ସମସ୍ତ ଧର୍ମକୁ ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ । ସେଥିରେ ସେ ତାହାଙ୍କ କଥାରେ ସମ୍ମତ ହେଲେ । ଯୀଶୁ ବାପ୍ତିଜିତ ହେଲା କ୍ଷଣି ଜଳରୁ ଉଠି ଆସିଲେ । ଆଉ ଦେଖ, ଆକାଶ ଉନ୍ମୁକ୍ତ ହେଲା ପୁଣି ସେ ଈଶ୍ୱରଙ୍କ ଆସିବା ଦେଖିଲେ । ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କ ଠାରେ ଆମ୍ଭର ପରମ ସନ୍ତୋଷ ।'' (ମାଥିଉ ୩:୧୧-୧୭)

ମାଥିଉ ୪:୧ ପଦ କହେ, ''ସେତେବେଳେ ଯୀଶୁ ଶୟତାନ ଦ୍ୱାରା ପରୀକ୍ଷିତ ହେବା ନିମନ୍ତେ ଆତ୍ମାଙ୍କ କର୍ତ୍ତୃକ ପ୍ରାନ୍ତରକୁ ନୀତ ହେଲେ ।'' ସେ ଶୟତାନର ପରୀକ୍ଷାରେ କିପରି ବିଜୟୀ ହୋଇ ପାରିଥିଲେ ? ଯାହାକି ପବିତ୍ର ଆତ୍ମାଙ୍କ ଚାଳନାରେ ଲିଖିତ ହୋଇଅଛି ।

''କାରଣ ଈଶ୍ୱର ଯାହାଙ୍କୁ ପ୍ରେରଣ କରିଅଛନ୍ତି, ସେ ଈଶ୍ୱରଙ୍କ ବାକ୍ୟ କହନ୍ତି, ଯେଣୁ ସେ ପରିମିତ ଭାବରେ ଆତ୍ମା ପ୍ରଦାନ କରନ୍ତି ନାହିଁ ।'' (ଯୋହନ ୩:୩୪) । ଅର୍ଥାତ୍ ଯୀଶୁଖ୍ରୀଷ୍ଟ ଏହି ଜଗତରେ ଆପଣା କାର୍ଯ୍ୟ ସମ୍ପନ୍ନ କରିବା ନିମନ୍ତେ ଅପରିମିତ ଭାବେ ଆତ୍ମା ପ୍ରାପ୍ତ ହୋଇଥିଲେ । ଅପର ପକ୍ଷରେ, ଅନ୍ୟମାନେ ପରିମିତ ଭାବରେ ଆତ୍ମା ପ୍ରାପ୍ତ ହୁଅନ୍ତି । ପରିମିତ ଆତ୍ମା ଦ୍ୱାରା ପରିମିତ ଶକ୍ତି ପ୍ରାପ୍ତ ହୋଇ, ଅନ୍ୟମାନେ ପରିମିତ ଭାବେ କାର୍ଯ୍ୟ ସାଧନ କରିପାରନ୍ତି ।

ଯୀଶୁଖ୍ରୀଷ୍ଟ, ଆପଣା ପ୍ରସ୍ଥାନ (ସ୍ୱର୍ଗାରୋହଣ) ପରେ, ତାହାଙ୍କ କାର୍ଯ୍ୟର ଭାର ବହନ କରିବା ନିମନ୍ତେ, ଦ୍ୱାଦଶ ଶିଷ୍ୟଗଣଙ୍କୁ ମନୋନୀତ କରିଥିଲେ । ସେମାନେ ''ପ୍ରେରିତଗଣ'' ରୂପେ ପରିଚିତ । ତାହାଙ୍କ ପରିଚର୍ଯ୍ୟାର କାର୍ଯ୍ୟ ଆରମ୍ଭ ଦିନରୁ, ତାହାଙ୍କ ପୁନଃରୁତ୍ଥାନ ପର୍ଯ୍ୟନ୍ତ ଯୀଶୁଙ୍କ ଅନୁଗମନ କରିଥିବା ବ୍ୟକ୍ତିମାନେ ପ୍ରେରିତ ରୂପେ ମନୋନୀତ ହୋଇଥିଲେ । ସେ ସ୍ୱର୍ଗସ୍ଥ ପିତାଙ୍କ ନିକଟକୁ ପ୍ରସ୍ଥାନ କରିବା ସମୟ ସମୀପ ହୋଇଥିବାରୁ, ଶିଷ୍ୟମାନଙ୍କୁ କହିଲେ, ''ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, କାରଣ ମୁଁ ପ୍ରସ୍ଥାନ ନ କଲେ ସେହି ସାହାଯ୍ୟକାରୀ ତୁମ୍ଭମାନଙ୍କ ନିକଟକୁ ଆସିବେ ନାହିଁ, ମାତ୍ର ମୁଁ ଗଲେ ତାହାଙ୍କୁ ତୁମ୍ଭମାନଙ୍କ ନିକଟକୁ ପଠାଇଦେବି ।'' (ଯୋହନ

୧୬:୭) ତାହାଙ୍କ ବିଷୟରେ ଯୀଶୁଖ୍ରୀଷ୍ଟ ସାକ୍ଷ୍ୟ ଦେଇ କହନ୍ତି, ''କିନ୍ତୁ ସେହି ସାହାଯ୍ୟକାରୀ, ଅର୍ଥାତ୍ ଯେଉଁ ପବିତ୍ର ଆତ୍ମାଙ୍କୁ ପିତା ମୋ ନାମରେ ପ୍ରେରଣ କରିବେ, ସେ ତୁମ୍ଭମାନଙ୍କୁ ସମସ୍ତ ବିଷୟ ଶିକ୍ଷା ଦେବେ, ଆଉ ମୁଁ ଯାହା କହିଅଛି, ସେହିସବୁ ତୁମ୍ଭମାନଙ୍କୁ ସ୍ମରଣ କରାଇବେ ।'' (ଯୋହନ ୧୪:୨୬)

ପ୍ରେରିତମାନେ ପବିତ୍ର ଆତ୍ମାଙ୍କ ଦ୍ୱାରା ବାପ୍ତିଜିତ ହେବା ପରେ (ପ୍ରେରିତ ୨ୟ ଅଧ୍ୟାୟ), ସେମାନଙ୍କ ଜୀବନରେ ପବିତ୍ର ଆତ୍ମା ବିଭିନ୍ନ ପ୍ରକାର କାର୍ଯ୍ୟ କରିବେ ବୋଲି ଯୀଶୁଖ୍ରୀଷ୍ଟ ପ୍ରତିଜ୍ଞା କରିଥିଲେ । ସେ ସେମାନଙ୍କ (୧) ସାହାଯ୍ୟକାରୀ (୨) ସମସ୍ତ ସତ୍ୟକୁ କଢ଼ାଇ ନେବା ପଥ ପ୍ରଦର୍ଶକ (୩) ଯୀଶୁଖ୍ରୀଷ୍ଟ କହିଥିବା ବିଷୟସବୁ ସ୍ମରଣ କରାଇବା ବ୍ୟକ୍ତି (୪) ପରଭାଷାରେ କଥା କହିବାକୁ ସମର୍ଥ କରାଇବା (୫) ସେମାନଙ୍କ ଦ୍ୱାରା ଆଶ୍ଚର୍ଯ୍ୟକର୍ମ କରାଇ, ପ୍ରଜାମାନଙ୍କ ସମ୍ମୁଖରେ ସେମାନଙ୍କୁ ପ୍ରଭୁଙ୍କ ଦ୍ୱାରା ପ୍ରେରିତ ବ୍ୟକ୍ତି ବୋଲି ପ୍ରମାଣିତ କରିବା, ପବିତ୍ର ଆତ୍ମାଙ୍କ କାର୍ଯ୍ୟ ଥିଲା । କିନ୍ତୁ ପ୍ରେରିତମାନଙ୍କ ଦ୍ୱାରା ସମସ୍ତ କାର୍ଯ୍ୟ ସାଧିତ ହୋଇ ନ ଥିଲା । ପ୍ରେରିତମାନଙ୍କ ହସ୍ତାର୍ପଣ ଦ୍ୱାରା ମନୋନୀତ ଶିଷ୍ୟମାନେ ପବିତ୍ର ଆତ୍ମା ପ୍ରାପ୍ତିର ଶକ୍ତି, ପ୍ରଭୁ ପ୍ରଦାନ କରିଥିଲେ । ପ୍ରେରିତମାନେ ପବିତ୍ର ଆତ୍ମାଙ୍କ ବାପ୍ତିସ୍ମ ଦ୍ୱାରା ପବିତ୍ର ଆତ୍ମାଙ୍କ ଶକ୍ତି ପ୍ରାପ୍ତ ହୋଇଥିଲେ । ସେମାନଙ୍କ ହସ୍ତାର୍ପଣ ଦ୍ୱାରା ପ୍ରାପ୍ତ ପବିତ୍ର ଆତ୍ମାଙ୍କ ଶକ୍ତି ପ୍ରାପ୍ତ ହୋଇଥିବା ଶିଷ୍ୟଗଣ, ଅନ୍ୟମାନଙ୍କୁ ପବିତ୍ର ଆତ୍ମାଙ୍କ ଶକ୍ତି ପ୍ରଦାନ କରିବାରେ ଅସକ୍ଷମ ଥିଲେ ।

ଶେଷରେ, ପାପକ୍ଷମା ପ୍ରାପ୍ତି ନିମନ୍ତେ ବାପ୍ତିଜିତ ହେବା ପ୍ରତ୍ୟେକ ଖ୍ରୀଷ୍ଟିୟାନ ପବିତ୍ର ଆତ୍ମାଙ୍କ ଦାନ ପ୍ରାପ୍ତ ହୁଅନ୍ତି । ଏତଦ୍ୱାରା ଖ୍ରୀଷ୍ଟିୟାନମାନେ ଆଶ୍ଚର୍ଯ୍ୟକର୍ମ ସାଧନ କରିବାକୁ ଶକ୍ତିପ୍ରାପ୍ତ ହୁଅନ୍ତି ନାହିଁ । କାରଣ ସେମାନେ ପରିମିତ ଭାବେ ଆତ୍ମା ପ୍ରାପ୍ତ ହୁଅନ୍ତି । (ପ୍ରେରିତ ୨:୩୮)

ପବିତ୍ର ଆତ୍ମା ପ୍ରେରିତମାନଙ୍କ ଦ୍ୱାରା, ତଥା ସେମାନଙ୍କ ଦ୍ୱାରା ହସ୍ତାର୍ପଣ ଦ୍ୱାରା ପବିତ୍ର ଆତ୍ମାଙ୍କ ଶକ୍ତି ପ୍ରାପ୍ତ ହୋଇଥିବା ଶିଷ୍ୟମାନେ ଅନେକ ଆଶ୍ଚର୍ଯ୍ୟକର୍ମ କରିଥିଲେ । ପବିତ୍ର ଆତ୍ମାଙ୍କ ଚାଳନାରେ ନୂତନ ନିୟମ ଲିଖିତ ହୋଇଅଛି । ପବିତ୍ର ବାକ୍ୟାନୁଯାୟୀ, ନୂତନ ନିୟମର ଲେଖନ ସମାପ୍ତି ହେବା ପରେ, ତାହାଙ୍କ ବାକ୍ୟ ଦ୍ୱାରା ପବିତ୍ର ଆତ୍ମା ଆମ୍ଭମାନଙ୍କ ଜୀବନରେ କାର୍ଯ୍ୟ କରୁଅଛନ୍ତି ।

ଆତ୍ମାଙ୍କ ବାକ୍ୟ ଅଥବା ଯୀଶୁଖ୍ରୀଷ୍ଟଙ୍କ ବାକ୍ୟ ଯାହା ଆତ୍ମାଙ୍କ ଦ୍ୱାରା ଲିଖିତ ହୋଇଅଛି, ତାହା ଶ୍ରବଣ କର, ବିଶ୍ୱାସ କର, ପାପରୁ ମନ ପରିବର୍ତ୍ତନ କର -

ଯୀଶୁଖ୍ରୀଷ୍ଟଙ୍କୁ ଈଶ୍ୱରଙ୍କ ପୁତ୍ର ରୂପେ ସ୍ୱୀକାର କର ଓ ପାପକ୍ଷମା ନିମନ୍ତେ ବାପ୍ତିଜିତ ହେବା ନିମନ୍ତେ ଆମ୍ଭେମାନେ ଆପଣଙ୍କୁ ପ୍ରୋତ୍ସାହିତ କରୁଅଛୁ । ତଦ୍ୱାରା ପ୍ରଭୁ ଆପଣଙ୍କୁ ପରିତ୍ରାଣ ଦେଇ, ଆପଣା ମଣ୍ଡଳୀରେ ସଂଯୁକ୍ତ କରିବେ ଓ ପବିତ୍ର ଆତ୍ମାର ଦାନ ଦେବେ । (ପ୍ରେରିତ ୨:୩୮)

**- J.C. Choate**

❋ ❋ ❋

## ପରମେଶ୍ୱରଙ୍କୁ ଦେଖିବାରେ ଆନନ୍ଦ !

### (Happiness is seeing God !)

ଆପଣ କି ଆନନ୍ଦିତ ହେବାକୁ ଚାହାନ୍ତି ? ପ୍ରକୃତ ଆନନ୍ଦ କେଉଁଠାରେ ପାଇପାରିବା ? ପ୍ରକୃତ ଆନନ୍ଦ ବିଷୟରେ ଗୀତରଚକ କହନ୍ତି :

''ତୁମ୍ଭ ସମ୍ମୁଖରେ ଆନନ୍ଦର ପୂର୍ଣ୍ଣତା ଥାଏ
ତୁମ୍ଭ ଦକ୍ଷିଣ ପାଖରେ ନିତ୍ୟ ସୁଖଭୋଗ ଥାଏ ।'' (ଗୀତ ୧୬:୧୧)

ସ୍ୱର୍ଗୀୟ ନଗରରେ ପରିତ୍ରାଣ ପ୍ରାପ୍ତ ଖ୍ରୀଷ୍ଟିୟାନମାନଙ୍କ ଆନନ୍ଦ ବର୍ଣ୍ଣନା କରି, ପ୍ରେରିତ ଯୋହନ କହନ୍ତି, ''ସେମାନେ ତାହାଙ୍କ ମୁଖ ଦର୍ଶନ କରିବେ ଓ ତାହାଙ୍କ ନାମ ସେମାନଙ୍କ କପାଳରେ ଲିଖିତ ରହିବ ।'' (ପ୍ରେରିତ ୨୨:୪) । ସଦାପ୍ରଭୁଙ୍କୁ ଦେଖିବା କେତେ ଗୌରବମୟ, ଆନନ୍ଦମୟ ବିଷୟ । ପ୍ରେରିତ ଯୋହନ ଏହି ବିଷୟକୁ ଭରସା ଦେଇ କହନ୍ତି :

''ହେ ପ୍ରିୟମାନେ, ବର୍ତ୍ତମାନ ଆମ୍ଭେମାନେ ଈଶ୍ୱରଙ୍କ ସନ୍ତାନ ଅଟୁ, ଆଉ ଆମ୍ଭେମାନେ କଅଣ ହେବା, ତାହା ଏ ପର୍ଯ୍ୟନ୍ତ ପ୍ରକାଶିତ ହୋଇନାହିଁ । ଆମ୍ଭେମାନେ ଜାଣୁ ଯେ, ସେ ଯେତେବେଳେ ପ୍ରକାଶିତ ହେବେ, ସେତେବେଳେ ଆମ୍ଭେମାନେ ସେହିପରି ତାହାଙ୍କୁ ଦର୍ଶନ କରିବା ।'' (୧ମ ଯୋହନ ୩:୨)

ଈଶ୍ୱରଙ୍କ ସନ୍ତାନମାନଙ୍କୁ ପରମେଶ୍ୱରଙ୍କ ମୁଖଦର୍ଶନ କରିବା ଯେତେ ଆନନ୍ଦମୟ ହେବ, ଅଧାର୍ମିକମାନଙ୍କୁ ତାହାଙ୍କ ମୁଖ ଦର୍ଶନ ସେତେ ଭୟଙ୍କର ହେବ ! ଅଧାର୍ମିକମାନେ ପରମେଶ୍ୱରଙ୍କ ବିଚାର ଠାରୁ ପଳାୟନ କରି ପର୍ବତ ଓ ଶୈଳମାନଙ୍କୁ କହିବେ :- ''....ଆମ୍ଭମାନଙ୍କ ଉପରେ ପଡ଼ି ସିଂହାସନୋପବିଷ୍ଟ ବ୍ୟକ୍ତି ଛାମୁରୁ ଓ ମେଷଶାବକ କ୍ରୋଧରୁ ଆମ୍ଭମାନଙ୍କୁ ଲୁଚାଇ ରଖ ।'' (ପ୍ରକାଶିତ ୬:୧୬)

ଆମ୍ଭେମାନେ ତାହାଙ୍କ ସାଦୃଶ୍ୟରେ ପରିବର୍ତ୍ତନ ହେବା ପରମେଶ୍ୱରଙ୍କ ଉଦ୍ଦେଶ୍ୟ ଅଟେ । ଇହଲୋକରେ ଆମ୍ଭମାନଙ୍କ ଜୀବନ ଦିନ ପ୍ରତିଦିନ ପରିବର୍ତ୍ତିତ ହେଲେ, ଏକଦିନ ଆମ୍ଭେମାନେ ତାହାଙ୍କୁ ଆନନ୍ଦ ସହ ମୁଖାମୁଖି ଭାବେ ଦେଖିପାରିବା !

**- Bill Dillon**

❋ ❋ ❋

# ଏହି ଖ୍ରୀଷ୍ଟିୟାନମାନେ କିଏ ଏବଂ ସେମାନେ କାହିଁକି ବାଇବଲ ଧ୍ୟାନ କରନ୍ତି ?

## (Who are those Christian and Why do they study the Bible ?)

ପ୍ରଥମ ପ୍ରଶ୍ନର ଉତ୍ତର ବହୁତ ସରଳ । 'ଖ୍ରୀଷ୍ଟିୟାନ' ବୋଲି ଏହି ପଦ ନୂତନ ନିୟମରେ ତିନିଥର ଉଲ୍ଲେଖ କରାଯାଏ । ଦୁଇ ହଜାର ବର୍ଷ ପୂର୍ବେ ବୈଦ ଲୂକ 'ପ୍ରେରିତମାନଙ୍କ କାର୍ଯ୍ୟବଳୀର ପୁସ୍ତକ'ରେ ଦୁଇଥର ଓ ପ୍ରେରିତ ପିତର ଆପଣା ଲେଖନୀରେ ଉଲ୍ଲେଖ କରନ୍ତି । (ପ୍ରେରିତ ୧୧:୨୬ ଓ ୨୬:୨୮ ଏବଂ ୧ମ ପିତର ୪:୧୬)

'ଖ୍ରୀଷ୍ଟିୟାନ'ର ଅର୍ଥ ଯେ କି ଖ୍ରୀଷ୍ଟଙ୍କର ସହ ସଂଯୁକ୍ତ ଓ ଖ୍ରୀଷ୍ଟଙ୍କର । ଖ୍ରୀଷ୍ଟିୟାନ ଯେ ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ହୋଇ, ବିଶ୍ୱାସରେ ଓ କାର୍ଯ୍ୟରେ ଖ୍ରୀଷ୍ଟିୟ ଜୀବନଯାପନ କରେ । ଅତଏବ ଏହି ପଦ 'ବାଇବଲ'ରୁ ଉଦ୍ଧୃତ, ଯାହାକି ଈଶ୍ୱରଙ୍କ ନିଃଶ୍ୱସିତ । ଏହି ପଦ ମାନବ ସୃଷ୍ଟିତ ନୁହେଁ ।

ଆତ୍ମିକଭାବେ କହିବାକୁ ଗଲେ, ଏହି ପଦ ଯେଉଁମାନେ ବ୍ୟବହାର କରିବାକୁ ଇଚ୍ଛା କରନ୍ତି, ସେମାନେ ବିନା ବାପ୍ତିଜିତ ହୋଇ ବ୍ୟବହାର କରିପାରନ୍ତି ନାହିଁ । ଖ୍ରୀଷ୍ଟଙ୍କ ଠାରେ ବାପ୍ତିଜିତ ନ ହେବା ଲୋକେ, 'ଖ୍ରୀଷ୍ଟିୟାନ' ରୂପେ ପରିଚିତ ହୋଇ ପାରନ୍ତି ନାହିଁ । ଯେଉଁମାନେ ବାପ୍ତିଜିତ ହୋଇନାହାନ୍ତି ସେମାନେ ସୁସମାଚାର ଆଜ୍ଞାବହ ହୋଇନାହାନ୍ତି ଏବଂ ପରମେଶ୍ୱରଙ୍କ ଆହ୍ୱାନକୁ ଅଗ୍ରାହ୍ୟ କରିଅଛନ୍ତି । (ପ୍ରେରିତ ୨:୩୮)

ଆଜିର ଧାର୍ମିକ ଜଗତରେ ବିଭିନ୍ନ ମତଭାବ, ଏକମାତ୍ର ପଥ, ଏକମାତ୍ର ମଣ୍ଡଳୀ ବାଇବଲରେ ଲିଖିତ ଅଛି । ଈଶ୍ୱରଙ୍କ ବାକ୍ୟପାଳନ କରି ବାପ୍ତିଜିତ ହେବା ଲୋକେ ଖ୍ରୀଷ୍ଟଙ୍କ ମଣ୍ଡଳୀରେ ସଂଯୁକ୍ତ ହୁଅନ୍ତି । (ପ୍ରେରିତ ୨:୪୭)

'ଖ୍ରୀଷ୍ଟିୟାନ'ମାନଙ୍କୁ ବାଇବଲ ଏକ ଆତ୍ମିକ ସମୂହ ବୋଲି କହେ । ଯେଉଁମାନେ ଜଗତକୁ ଉପେକ୍ଷା କରି ଖ୍ରୀଷ୍ଟ ଓ ତାହାଙ୍କ ମଣ୍ଡଳୀରେ ସଂଯୁକ୍ତ ହୋଇଅଛନ୍ତି । ମତଶାଖା ଓ ବିଭେଦ ଶାସ୍ତ୍ର ବିରୁଦ୍ଧ, ତାହା ପରମେଶ୍ୱର ଠାରୁ ଆଗତ ନୁହେଁ କିନ୍ତୁ ଏହି ଜଗତରୁ ଉତ୍ପନ୍ନ । (୧ମ କରିନ୍ଥୀ ୧:୧୦,୧୧)

ଅନେକେ ଖ୍ରୀଷ୍ଟିୟାନମାନଙ୍କୁ ବାଇବଲର ପୂଜକ ବୋଲି ନିନ୍ଦା କରନ୍ତି । ଅନନ୍ତ ଅଗ୍ନିରେ ପତିତ ହେବାକୁ ଯାଉଥିବା ହଜିଯାଉଥିବା ଅତ୍ମାମାନଙ୍କୁ, ଖ୍ରୀଷ୍ଟଙ୍କ ଆନନ୍ଦମୟ ପରିତ୍ରାଣ ପ୍ରକଟନ କରୁଥିବା ବ୍ୟକ୍ତିମାନେ ଏପରି ନିନ୍ଦାର ପାତ୍ର ଅଟନ୍ତି । (ମାର୍କ ୧୬:୧୫,୧୬) । ଖ୍ରୀଷ୍ଟିୟାନମାନେ ବାଇବଲ ଜଣାଉଥିବା ସତ୍ୟ ପରମେଶ୍ୱରଙ୍କ ଉପାସନା କରନ୍ତି, ବାଇବଲକୁ ନୁହେଁ ।

ଯୀଶୁଙ୍କ ସହ ଜୀବନଯାପନ କରି, ତାହାଙ୍କ ସହିତ ସନ୍ନିହିତ ସମ୍ବନ୍ଧ ଥିବା ଲୋକେ ଦୁଇହଜାର ବର୍ଷ ତଳେ ମୃତ୍ୟୁ ଭୋଗିଲେ । ତେଣୁକରି ତାହାଙ୍କ ପ୍ରେରିତମାନଙ୍କ ଦ୍ୱାରା ଲିଖିତ ବାକ୍ୟ ପଢ଼ିବାରେ ଆମ୍ଭେମାନେ ତାହାଙ୍କ ଇଚ୍ଛା କଅଣ ଜାଣିପାରୁ । ଖ୍ରୀଷ୍ଟିୟାନ ଆସକ୍ତି ସହ ଧର୍ମଶାସ୍ତ୍ର ଅନୁସନ୍ଧାନ କରିବା ଦ୍ୱାରା ଖ୍ରୀଷ୍ଟଙ୍କ ବାକ୍ୟ ଓ ଶିକ୍ଷା ଜାଣିପାରିବା ତାହାଙ୍କ ବାକ୍ୟ ଶିକ୍ଷା କରି, ଆଜ୍ଞାବହ ହୋଇ, ତାହାଙ୍କ ଅନୁସରଣ କରୁ । ଏତଦ୍ୱାରା ଆମ୍ଭେମାନେ ଖ୍ରୀଷ୍ଟଙ୍କ ଠାରେ, ଖ୍ରୀଷ୍ଟଙ୍କ ସହ ଜୀବନଯାପନ କରିପାରିବା । (ରୋମୀୟ ୧୦:୧୪-୧୭, ତିତ ୨:୧୩, ମାଥିଉ ୪:୧୦)

**- Kieth Sisman**

❋ ❋ ❋

# ପବିତ୍ର ଯାଜକତ୍ୱ
## (The Holy Priesthood

ଏଦନ ଉଦ୍ୟାନରେ ଆଦମ ଓ ହବାଙ୍କ ପରମେଶ୍ୱରଙ୍କ ଆଜ୍ଞା ଲଂଘନ ସମୟରୁ, ମନୁଷ୍ୟ ପରମେଶ୍ୱରଙ୍କ ଠାରୁ ବିଚ୍ଛିନ୍ନ ହୋଇଅଛି । ଏହି ବିଚ୍ଛିନ୍ନତା ଯୋଗୁଁ ଏକ ପ୍ରତିନିଧିତ୍ୱ ଅଥବା ଯାଜକତ୍ୱର ଆବଶ୍ୟକ ପଡ଼ିଲା ।

**ମଧ୍ୟବର୍ତ୍ତୀ ଯାଜକଗଣ :**

ଯାଜକମାନେ ପରମେଶ୍ୱର ଓ ପାପୀ ମନୁଷ୍ୟ ମଧ୍ୟରେ ପ୍ରତିନିଧିତ୍ୱ କରନ୍ତି । ପାପୀ ମନୁଷ୍ୟର ପରିବର୍ତ୍ତେ ସଦାପ୍ରଭୁଙ୍କୁ ବଳି ଅର୍ପଣ କରିବା ଓ ତାହାଙ୍କ ନିମନ୍ତେ

ପ୍ରାର୍ଥନା କରିବା ଯାଜକଙ୍କ କର୍ମ । ଉଦାହରଣ ସ୍ୱରୂପ :- ମୋଶାଙ୍କ ଭ୍ରାତା ହରୋଣ ଏକ ଯାଜକ ଥିଲେ । ପ୍ରତିବର୍ଷ ସେ ଆପଣା ଓ ସମସ୍ତ ଇଶ୍ରାଏଲ ପାପ ନିମନ୍ତେ, ''....ସେହି ଜୀଅନ୍ତା ଛାଗର ମସ୍ତକରେ ଆପଣା ଦୁଇହସ୍ତର ନିର୍ଭର ଦେଇ ତାହା ଉପରେ ଇସ୍ରାଏଲ ସନ୍ତାନଗଣର ସମସ୍ତ ଅପରାଧ ଓ ସମସ୍ତ ଅଧର୍ମ ଓ ସମସ୍ତ ପାପ ସ୍ୱୀକାର କରିବ, ଆଉ, ତାହାସବୁ ସେହି ଛାଗର ମସ୍ତକରେ ଅର୍ପଣ କରି ଅର୍ପଣ କରି ପ୍ରସ୍ତୁତ ଥିବା ମନୁଷ୍ୟର ହସ୍ତରେ ତାହାକୁ ପ୍ରାନ୍ତରରେ ପଠାଇଦେବ । (ଲେବୀ ୧୬:୨୧) ଏହି କାର୍ଯ୍ୟରେ କେହି ଆପଣାକୁ ନିଯୁକ୍ତ କରେ ନାହିଁ । ବରଂ ଏହି କାର୍ଯ୍ୟ ପରମେଶ୍ୱରଙ୍କ ଦତ୍ତ, ''ଆଉ କେହି ଏହି ସମ୍ଭ୍ରାନ୍ତ ପଦ ନିଜେ ଗ୍ରହଣ କରନ୍ତି ନାହିଁ, କିନ୍ତୁ ହରୋଣ ଯେପରି ଆହୂତ ହେବା ଆବଶ୍ୟକ ।'' (ଏବ୍ରୀ ୫:୪) । ଏହି କାର୍ଯ୍ୟ ନିମନ୍ତେ ହରୋଣ ଓ ତାହାଙ୍କ ପୁତ୍ରମାନେ ହିଁ ମନୋନୀତ ହୋଇଥିଲେ । ପାପୀମାନଙ୍କ ପରମେଶ୍ୱରଙ୍କ ଠାରେ ପ୍ରତିନିଧିତ୍ୱ କରିବାକୁ ଯାଜକ ଏକ ଦୟାଳୁ ବ୍ୟକ୍ତି ହେବା ଆବଶ୍ୟକ ।

ଇଶ୍ରାଏଲ ଜାତି ଏହି ଜଗତରେ ପ୍ରତିଷ୍ଠିତ ହେବା ପୂର୍ବରୁ ଏହି ଜଗତରେ ଯାଜକତ୍ୱ ପ୍ରଚଳିତ ଥିଲା । ଯୁଦ୍ଧରେ ବିଜୟୀ ଅବ୍ରାହମଙ୍କୁ ଆଶୀର୍ବାଦ କରିବା ନିମନ୍ତେ ମଲକୀଷକ ରୋଟୀ ଓ ଦ୍ରାକ୍ଷାରସ ଘେନି ଅବ୍ରାହମଙ୍କ ନିକଟକୁ ଆସିଥିଲେ । ''....ସେ ସର୍ବୋପରିସ୍ଥ ପରମେଶ୍ୱରଙ୍କ ଯାଜକ ।'' (ଆଦି ୧୪:୧୭) । ମୋଶାଙ୍କ ବ୍ୟବସ୍ଥାର ସମୟ ପରମେଶ୍ୱର ଯାଜକଙ୍କୁ ନିଯୁକ୍ତ କରିଥିଲେ । (ଯାତ୍ରା ୩:୧)

## ପରମେଶ୍ୱରଙ୍କ ଆଜିର ଯାଜକତ୍ୱ :

ଅନୁଗ୍ରହର ଯୁଗରେ ଇଶ୍ୱରଙ୍କ ପୁତ୍ର ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କ ପ୍ରଧାନ ଯାଜକ ଅଟନ୍ତି । ''....ଯେ ସ୍ୱର୍ଗରେ ମହାମହିମଙ୍କ ସିଂହାସନର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ହୋଇଅଛନ୍ତି ।'' (ଏବ୍ରୀ ୮:୧) । ''ଅତଏବ ତାହାଙ୍କ ଦ୍ୱାରା ଯେଉଁମାନେ ଇଶ୍ୱରଙ୍କ ନିକଟବର୍ତ୍ତୀ ହୁଅନ୍ତି, ସେମାନଙ୍କୁ ସେ ସମ୍ପୂର୍ଣ୍ଣରୂପେ ପରିତ୍ରାଣ ଦେବାକୁ ସକ୍ଷମ ଅଟନ୍ତି, ଯେଣୁ ସେମାନଙ୍କ ନିମନ୍ତେ ନିବେଦନ କରିବା ପାଇଁ ସେ ନିତ୍ୟ ଜୀବିତ ।'' (ଏବ୍ରୀ ୭:୨୫) । ସେ ଆମ୍ଭମାନଙ୍କ ପାପ ନିମନ୍ତେ ଆପଣା ରକ୍ତ କ୍ରୁଶରେ ଢ଼ାଳି ଦେଇଥିଲେ । ତାହାଙ୍କ ସ୍ୱପ୍ରାଣ ଅର୍ପଣ, ଅନ୍ୟ ସବୁ ବଳିଦାନ ଠାରୁ ଶ୍ରେଷ୍ଠତର ବଳିଦାନ ଅଟେ । ଯାହାକି ପ୍ରକୃତ ବଳିଦାନର ଛାୟା ସ୍ୱରୂପ । ''କାରଣ କେବଳ ଏକ ବଳିର ଉତ୍ସର୍ଗ

ଦ୍ୱାରା ସେ ପବିତ୍ରୀକୃତ ହେଉଥିବା ଲୋକମାନଙ୍କୁ ଚିରକାଳ ପାଇ ସିଦ୍ଧ କରିଅଛନ୍ତି ।

ଖ୍ରୀଷ୍ଟିୟ ପରିଚର୍ଯ୍ୟାରେ ଖ୍ରୀଷ୍ଟ ପ୍ରଧାନ ଯାଜକ ଓ ଖ୍ରୀଷ୍ଟିୟାନମାନେ ଯାଜକ ଅଟନ୍ତି । ''ତାହାଙ୍କ ନିକଟକୁ ଆସି ତୁମ୍ଭେମାନେ ମଧ୍ୟ ଯୀଶୁଖ୍ରୀଷ୍ଟଙ୍କ ଦ୍ୱାରା ଈଶ୍ୱରଙ୍କ ନିକଟରେ ସୁଗ୍ରାହ୍ୟ ଆତ୍ମିକ ବଳି ଉତ୍ସର୍ଗ କରିବା ନିମନ୍ତେ ପବିତ୍ର ଯାଜକବର୍ଗ ହେବା ପାଇଁ ଜୀବନ୍ତ ପ୍ରସ୍ତର ସ୍ୱରୂପ ହୋଇ ଗୋଟିଏ ପାରମାର୍ଥିକ ଗୃହ ରୂପରେ ନିର୍ମିତ ହୁଅ ।'' (୧ମ ପିତର ୨:୫) । ସେହି ଆତ୍ମିକ ବଳି ହେଲା :- (୧) ଓଷ୍ଠ ଦ୍ୱାରା ତାହାଙ୍କ ସ୍ତୁତିଗାନ କରିବା (୨) ସତ୍‌କର୍ମ କରିବା (୩) ଅନ୍ୟମାନଙ୍କୁ ସାହାଯ୍ୟ କରିବା (୪) ସମସ୍ତଙ୍କ ନିମନ୍ତେ ଅଧିକାରୀମାନଙ୍କ ନିମନ୍ତେ ଈଶ୍ୱରଙ୍କ ଠାରେ ବିଜ୍ଞାପନ କରିବା । (୧ମ ତୀମଥି ୨:୧,୨)

**- John Theisen**

❋ ❋ ❋

## ଆପଣ କେଉଁ ଜୁଆଳି ବହନ କରୁଅଛନ୍ତି ?

### (Which yoke do you wear ?)

''ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ୍ତ, ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ, ଯେଣୁ ମୋହର ଜୁଆଳି ସହଜ ଓ ମୋହର ଭାର, ଉଶ୍ୱାସ ।'' (ମାଥିଉ ୧୧:୨୮-୩୦) ଜୁଆଳିର ଭାରରେ ଆମ୍ଭେମାନେ ପରିଶ୍ରାନ୍ତ ହେବା ଆବଶ୍ୟକ ନାହିଁ । ଯୀଶୁଖ୍ରୀଷ୍ଟ ଆମ୍ଭମାନଙ୍କୁ ବିଶ୍ରାମ ଦିଅନ୍ତି ।'' (ମାଥିଉ ୧୧:୨୮-୩୦)

ଜୁଆଳିର ଅର୍ଥ କଅଣ ? ଭାର ବହନକାରୀ ଉପରେ ଜୁଆଳି ରଖି, ସେମାନଙ୍କ ବେକରେ ବାନ୍ଧି, କୃଷକ ଜମି ହଳ କରିଥାଏ । ଜୁଆଳି ଆଜ୍ଞାବହତାର ବନ୍ଧନ ସୂଚକ । ଜୁଆଳି କୌଣସି ଭାବେ ବିଶ୍ରାମର ସୂଚକ ନୁହେଁ ।

ପ୍ରକୃତରେ ଆମ୍ଭେମାନେ ଖ୍ରୀଷ୍ଟଙ୍କ ନିକଟକୁ ଆସିବା ପୂର୍ବେ 'ଜୁଆଳି'ର ଭାର ତଳେ ଜୀବନଯାପନ କରୁଥିଲୁ । ଖ୍ରୀଷ୍ଟ ଆମ୍ଭମାନଙ୍କୁ ଏହି ଜୁଆଳିରୁ ମୁକ୍ତ କରିଅଛନ୍ତି । ଆପଣା ପ୍ରଜାମାନଙ୍କ ନିମନ୍ତେ ବିଳାପ କାରୀ ଭାବବାଦୀ ଯିରିମିୟ କହିଥିଲେ, ''ମୋର ଅଧର୍ମରୂପ ଜୁଆଳି ତାହାଙ୍କ ହସ୍ତ ଦ୍ୱାରା ବନ୍ଧା ହୋଇଅଛି, ତାହା

ଏକତ୍ର ଜଡ଼ିତ ହୋଇଅଛି, ତାହା ଏକତ୍ର ଜଡ଼ିତ ହୋଇଅଛି, ତାହା ମୋ ... ଉପରକୁ ଆସିଅଛି, ସେ ମୋ ବଳ ଖର୍ଚ୍ଚ କରିଅଛନ୍ତି...'' (ବିଳାପ ୧:୧୪)। ପ୍ରତ୍ୟେକ ମନୁଷ୍ୟପାପର ଦାସ କିଅବା ଆଜ୍ଞାବହତା ଦ୍ୱାରା ଧାର୍ମିକତାର ଦାସ (ରୋମୀୟ ୧୬:୧୬)। ଆମ୍ଭେମାନେ ଯେବେ ପାପର ଜୁଆଳି ବହନ କରୁ, ପାପର ଦାସ ଅଟୁ। ଏହି ଜୁଆଳି କଠିନ। ପାପର ଭାର ଆମ୍ଭମାନଙ୍କ ଜୀବନ ବିନଷ୍ଟ କରେ ଓ ଅନନ୍ତ ନରକରେ ନିକ୍ଷିପ୍ତ କରେ। ଖ୍ରୀଷ୍ଟଙ୍କ ବିନୁ ଏହି ଜୀବନର ଭାର କଠିନତମ।

ଆମ୍ଭେମାନେ କେଉଁ ଜୁଆଳି ବହନ କରି, କାହା ସହିତ ଜଡ଼ିତ ହୋଇ ଏହି ଜୀବନଯାପନ କରିବା ଆମ୍ଭମାନଙ୍କ ସ୍ୱେଚ୍ଛାଧିନ। ଆମ୍ଭେମାନେ ପାପର ଜୁଆଳିରେ ବନ୍ଧା ଗଲେ, ତାହା ଆମ୍ଭମାନଙ୍କ ଅନନ୍ତ ଅଗ୍ନି ବା ଅନନ୍ତ ନରକକୁ ଘେନିଯିବ। ଯଦି ଆମ୍ଭେମାନେ ଯୀଶୁଖ୍ରୀଷ୍ଟଙ୍କ ଜୁଆଳି ବହନ କରୁ, ନିତ୍ୟ ଜୀବନ ପ୍ରାପ୍ତ ହେବୁ। ତାହାଙ୍କ ଜୁଆଳି ସହଜ ଓ ତାହାଙ୍କ ଭାର ଉଶ୍ୱାସ।

ଆସ, ଆମ୍ଭେମାନେ ମୃଦୁଶୀଳ ଓ ନମ୍ରଚିତ୍ତ ଯୀଶୁଖ୍ରୀଷ୍ଟଙ୍କ ନିକଟବର୍ତ୍ତୀ ହେଉ। ତାହାଙ୍କ ଆଜ୍ଞାବହ ହୋଇ ଏହି ଜଗତରେ ଜୀବନଯାପନ କରୁ। ଆମ୍ଭେମାନେ ଆମ୍ଭମାନଙ୍କ ଜୀବନରେ ବିଶ୍ରାମ ପାଇପାରିବା।

**- Danny Boggs**

''ଆଉ ହେବଲ ମଧ୍ୟ ନିଜ ପଲର ପ୍ରଥମଜାତ ପଶୁ ଓ ସେମାନଙ୍କ....ମେଦ ଉତ୍ସର୍ଗ କଲେ। ସଦାପ୍ରଭୁ ହେବଲଙ୍କୁ ଓ ତାଙ୍କର ନୈବେଦ୍ୟକୁ ଗ୍ରାହ୍ୟ କଲେ।'' (ଆଦି ୪:୪)

# ଯୀଶୁ ଓ ସ୍ତ୍ରୀ ଜାତି

## (Jesus and Women)

ଜଣେ ଯିହୂଦୀ ରାସ୍ତାଘାଟରେ ଏକ ସ୍ତ୍ରୀ ସହ ନମସ୍କାର ଜଣାନ୍ତି ନାହିଁ, କିଅବା କଥାବାର୍ତ୍ତା କରନ୍ତି ନାହିଁ, ସଦାପ୍ରଭୁ ତାହାଙ୍କୁ ଏକ ବିଜାତି କିଅବା ଏକ ଦାସ କିଅବା ରୂପେ ଜନ୍ମ ନ ଦେଇଥିବାରୁ ପ୍ରତ୍ୟେକ ଯିହୂଦୀ ଆପଣା ପ୍ରାତଃ ପ୍ରାର୍ଥନାରେ ସଦାପ୍ରଭୁଙ୍କୁ ଧନ୍ୟବାଦ ଦିଅନ୍ତି ।

କିନ୍ତୁ ସ୍ତ୍ରୀମାନଙ୍କ ପ୍ରତି ଯୀଶୁଙ୍କ ବ୍ୟବହାର ଓ ସମ୍ବନ୍ଧ, ଅନ୍ୟ ଯିହୂଦୀମାନଙ୍କ ସଦୃଶ୍ୟ ନ ଥିଲା । ବିଶ୍ୱସ୍ତ ନାରୀ ତାହାଙ୍କ ମାତା ମରିୟମଙ୍କ ଗର୍ଭ ଦ୍ୱାରା ସେ ଏହି ଜଗତରେ ଜନ୍ମଗ୍ରହଣ କରିଥିଲେ । ବିଶ୍ୱସ୍ତା କୁମାରୀ ମରିୟମ, ପବିତ୍ର ଆତ୍ମାଙ୍କ ଆଜ୍ଞାବହ ହୋଇ ଈଶ୍ୱରଙ୍କ ଅଦ୍ୱିତୀୟ ପୁତ୍ରଙ୍କୁ ଏହି ଜଗତରେ ଜନ୍ମଦେବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ମନ୍ଦିରର ପ୍ରାଙ୍ଗଣରେ ହାନ୍ନାଙ୍କ ପରିଚର୍ଯ୍ୟା ଓ ଏଲିଜାବେଥ ବୃଦ୍ଧାବସ୍ଥାରେ ବାପ୍ତିଜକ ଯୋହନଙ୍କୁ ଜନ୍ମଦେବାରେ ନୂତନ ନିୟମରେ ସ୍ତ୍ରୀର ପ୍ରାଧାନ୍ୟତା ବିଷୟରେ ଜାଣିପାରୁ । ଯୀଶୁ ଗ୍ରାମେ ଗ୍ରାମେ ଯାତ୍ରା କରି ସୁସମାଚାର ପ୍ରଚାର କରିବା ସମୟରେ ଅନେକ ସ୍ତ୍ରୀମାନେ ତାହାଙ୍କ ସହ ରହି ତାହାଙ୍କ ପରିଚର୍ଯ୍ୟା କରୁଥିଲେ । (ଲୂକ ୮:୧-୩, ମାର୍କ ୧୫:୪୦-୪୧)

ଶମିରୋଣର ସୁଖାର ନାମକ ନଗର ଯାକୁବଙ୍କ କୂପ ନିକଟରେ ଯୀଶୁଖ୍ରୀଷ୍ଟ ପଥଶ୍ରାନ୍ତ ହୋଇ ସେହି କୂପ ନିକଟରେ ବସିପଡ଼ିଲେ । ତାହାଙ୍କ ଶିଷ୍ୟମାନେ ଖାଦ୍ୟ କିଣିବା ନିମନ୍ତେ ନଗରକୁ ଯାଇଥିଲେ । ସେମାନେ ଫେରି ଆସି, ଯୀଶୁ ଏକ ସ୍ତ୍ରୀ ସହ କଥାବାର୍ତ୍ତା ହେବାର ଦେଖି ଆଶ୍ଚର୍ଯ୍ୟାନ୍ୱିତ ହେଲେ, ସେମାନଙ୍କର ଆଶ୍ଚର୍ଯ୍ୟ ହେବାର ତିନୋଟି କାରଣ ଥିଲା (୧) ଏକ ସ୍ତ୍ରୀ (୨) ଶମିରୋଣୀୟ (୩) ଏକ ବେଶ୍ୟା । ତଥାପି ଯୀଶୁ ତାହାଙ୍କ ସହିତ କଥାବାର୍ତ୍ତା କରି, ତାହାଙ୍କ ନିକଟରେ ଆପଣାକୁ 'ଯଶୀୟ' ରୂପେ ପରିଚିତ କରିଥିଲେ । ଏଠାରେ ଯୀଶୁ ସ୍ତ୍ରୀମାନଙ୍କୁ ଦେଇଥିବା ପ୍ରାଧାନ୍ୟତା ଦେଖିପାରୁ ।

ଯୀଶୁଙ୍କୁ ପରୀକ୍ଷା କରିବା ନିମନ୍ତେ ବ୍ୟଭିଚାରରେ ଧରା ପଡ଼ିଥିବା ଏକ ସ୍ତ୍ରୀକୁ ତାହାଙ୍କ ନିକଟକୁ ଆଣି ପ୍ରଶ୍ନ କଲେ, ''ଏହିପରି ଲୋକମାନଙ୍କୁ ପଥର ଫୋପାଡ଼ି ମାରିବାକୁ ମୋଶା ଆମ୍ଭମାନଙ୍କୁ ବ୍ୟବସ୍ଥାରେ ଆଜ୍ଞା ଦେଇଅଛନ୍ତି, ତେବେ ଆପଣ କଅଣ କହୁଅଛନ୍ତି ?'' (ଯୋହନ ୮:୫) ସେ ଯଦି ସ୍ତ୍ରୀକୁ ମୋଶାଙ୍କ ବ୍ୟବସ୍ଥାନୁଯାୟୀ

ପ୍ରସ୍ତରାଘାତ କରିବାକୁ କହିଥାନ୍ତେ, ତେବେ ରୋମୀୟ ଅଧିକାର ଧିକାର କରିବାର ଦୋଷୀ ହୁଅନ୍ତେ । କାଣ 'ମରଣଦଣ୍ଡ' କେବଳ ରୋମୀୟ ଅଧିକାରଧିନ । ସେ ଯଦି ସ୍ତ୍ରୀ ପ୍ରତି କୋମଳ ବ୍ୟବହାର କରି 'ଛାଡ଼ିଦେବା' ପାଇଁ କହିଥାନ୍ତେ ସେ ମୋଶାଙ୍କ ବ୍ୟବସ୍ଥା ଲଂଘନ କରିଥାନ୍ତେ । କାରଣ ବ୍ୟଭିଚାରରେ ଧୃତ ସ୍ତ୍ରୀମାନଙ୍କୁ ପ୍ରସ୍ତରାଘାତରେ ହତ ହେବା ନିମନ୍ତେ ମୋଶାଙ୍କ ବ୍ୟବସ୍ଥା ଆଜ୍ଞା ଦିଏ ।

କିନ୍ତୁ ସେ, "....ମସ୍ତକ ଉତ୍ତୋଳନ କରି ସେମାନଙ୍କୁ କହିଲେ, ତୁମ୍ଭମାନଙ୍କ ମଧ୍ୟରେ ଯେ ନିଷ୍ପାପ, ସେ ପ୍ରଥମରେ ତାକୁ ପଥର ଫୋପାଡୁ । ...ତାହା ଶୁଣି ସେମାନେ ବଡ଼ ଠାରୁ ଆରମ୍ଭ କରି ଜଣ ଜଣ ହୋଇ ବାହାରିଯିବାକୁ ଲାଗିଲେ, ...ଯୀଶୁ କହିଲେ, ମୁଁ ମଧ୍ୟ ତୁମ୍ଭକୁ ଦଣ୍ଡନୀୟ ବୋଲି ବିଚାର କରୁନାହିଁ, ଯାଅ, ଆଜିଠାରୁ ଆଉ ପାପ କର ନାହିଁ ।" (ଯୋହନ ୮:୭-୧୧)

ଯୀଶୁଙ୍କ କ୍ରୁଶୀୟ ମୃତ୍ୟୁ ଓ ପୁନଃରୁଥାନ ସମୟରେ ସ୍ତ୍ରୀମାନେ କିପରି ଯୀଶୁଙ୍କ ପରିଚର୍ଯ୍ୟା ବିଷୟରେ ପବିତ୍ର ଗ୍ରନ୍ଥରେ ପଢ଼ିଥାଉଁ । ଯୀଶୁଖ୍ରୀଷ୍ଟଙ୍କ ପୁନଃରୁଥାନର ପ୍ରଥମ ସାକ୍ଷୀ ସ୍ତ୍ରୀମାନେ ! ସେମାନେ ତାହାଙ୍କ ପୁନଃରୁଥାନର ଶୁଭବାର୍ତ୍ତା ଶିଷ୍ୟମାନଙ୍କୁ ଜଣାଇଥିଲେ ।

ପ୍ରେରିତମାନଙ୍କ କାର୍ଯ୍ୟାବଳୀରେ ଏବଂ ପାଉଲଙ୍କ ଲିଖିତ ପତ୍ରମାଳାରେ ସ୍ତ୍ରୀମାନଙ୍କୁ ବିଶେଷ ପାତ୍ର ଦିଆଯାଇଅଛି । ଯାହାକି ସେ ସମୟରେ ପ୍ରଥା ନ ଥିଲା । ପୁରୁଷ ହେଉ କି ସ୍ତ୍ରୀ ହେଉ, ପ୍ରତ୍ୟେକ ବାପ୍ତିସ୍ମ ଥିଲା ମଣ୍ଡଳୀରେ ପ୍ରବେଶ କରନ୍ତି । ଖ୍ରୀଷ୍ଟଙ୍କ ଠାରେ ପୁରୁଷ ଓ ସ୍ତ୍ରୀର ପ୍ରଭେଦ ନାହିଁ । ଫୈବୀ ନାମକ ଏକ ମହିଳାଙ୍କୁ ପ୍ରେରିତ ପାଉଲ ରୋମୀୟ ମଣ୍ଡଳୀକୁ 'ଭଗ୍ନୀ' ରୂପେ ପରିଚିତ କରନ୍ତି । (ରୋମୀୟ ୧୬:୧-୩) । କେତୋଟି ସ୍ତ୍ରୀମାନଙ୍କୁ ଆପଣାର 'ସହକର୍ମୀଣୀ' ରୂପେ ପ୍ରେରିତ ପାଉଲ ଆପଣା ପତ୍ରରେ ଲେଖିଅଛନ୍ତି । ଆପଣା ସ୍ୱାମୀ ଆକ୍ୱିଲାଙ୍କ ସହ ପ୍ରିସ୍କିଲା ଶକ୍ତିଶାଳୀ ସୁବକ୍ତା ଆପଲ୍ଲଙ୍କୁ ପ୍ରଭୁଙ୍କ ମାର୍ଗ ବିଷୟରେ ସୂକ୍ଷ୍ମଭାବେ ବୁଝାଇ ଦେଇଥିଲେ । (ପ୍ରେରିତ ୧୮:୨୬) ସୁସମାଚାର ପ୍ରଚାରକ ଫିଲିପଙ୍କ ଚାରୋଟି କନ୍ୟା ଭାବବାଦୀନୀ ଥିଲେ । (ପ୍ରେରିତ ୨୧:୯) । ଯୀଶୁ ଓ ତାହାଙ୍କ ମଣ୍ଡଳୀ ସ୍ତ୍ରୀ ଜାତିକୁ ବିଶେଷ ସ୍ଥାନ ଦେଇଅଛନ୍ତି । ପ୍ରଭୁଙ୍କ ଦୃଷ୍ଟିରେ, ପ୍ରଭୁଙ୍କ ସାନ୍ନିଧ୍ୟରେ ପୁରୁଷ ଓ ସ୍ତ୍ରୀମାନଙ୍କ ମଧ୍ୟରେ ପ୍ରଭଦ ନାହିଁ । ପ୍ରତ୍ୟେକ ଆତ୍ମା ସଦାପ୍ରଭୁଙ୍କ ଦ୍ୱାରା ସୃଷ୍ଟ । ତାହାଙ୍କ ସନ୍ତାନଗଣ ଆସ, ଆମ୍ଭେମାନେ ଆପଣା ଜୀବନରେ ତାହାଙ୍କୁ ଗୌରବାନ୍ୱିତ କରୁ ।

**- Tom Kelton**

# TRICKS SATAN WILL PLAY TO TAKE US AWAY FROM GOD

*- Bro. Ronnie Gootam*

**TEXT :** "Then was Jesus led up to the Spirit into the wilderness to be tempted of the devil." Matthew 4:1

**THESIS :** To know Satan and his actions trying to take us away from God.

**INTRODUCTION :**

1. Satan always makes every attempt to take God's people away from God. Sometimes He is successful and ther times he is not.
   a. He had tempted Eve, Gen 3:1-6
   b. He tempted Eve by disguising words. Gen 3:4-5.
   c. Eve fell for the temptetation and ate the forbidden fruit. Gen 3:6
   d. Eve gave some fruit to Adam, which he ate also. Gen 3:6
2. He inflicted hardships on. Job, Job 1: 10-22.

a. Satan argued with God that if He removes His guarding hand from Job, he would curse Him. Job 1: 10-11.

b. God gives permission to Satan to put hardships on job. Job 1: 12.

c. Satan inflicts on Job all that he could to make him curse God. Job 1:13—20.

d. Job sinned not, nor blamed God foolishly. Job 1: 22.

3. In this lesson, we shall discuss Satan's attempt to tempt the only begotten Son of God, Jesus Christ to sin against God. We shall see:

a. How Satan valiantly made 3 attempts to tempt Jesus. b. How Jesus refutes Satan's attempts. c. Lessons we can learn from the ordeal.

**Discussion:**

I. Satan's valiant attempts on Jesus Christ. A. Tempted Jesus:

1. Matt 4: 2, Jesus was fasting for 40 days and 40 nights. He was hungry
2. Matt 4: 3, "If thou be the Son of God, command that these stones be made bread."
3. Jesus was vulnerable; Satan thought if he can tempt Jesus to

follow his command, he could then manipulate Him to do anything he wishes after that.

B. Misrepresent/misapply God's word:

1. Matt 4:6, "If thou be the Son of God, cast thyself down: for it is written, He shall give his angels charge concerning thee: and in their hands they shall bear thee up, lest at any time thou dash thy foot against a stone."

2. Satan is very well knowledgeable about the Holy Scriptures. But yet he is very cunning. He was quoting Psalms 91: 11, 12. He misapplied the scriptures to try to have him jump from a very high place.

C. Misrepresent himself as God:

1. Matt 4: 8 - 9, "Again, the devil taketh him up into an exceeding high mountain, and sheweth him all the kingdoms of the world, and the glory of them; And saith unto him. All these things will I give thee, if thou wilt fall down and worship me."

2. Satan, spoke as if he was the creator, he was the provider and ruler of the world.

3. Satan spoke as if he was God. D. Jesus Christ has shown a clear way to resist the Satan's temptation.

1. When the devil tempted Him to make bread out of stone, Jesus relied on the scriptures, to answer Satan, Deut 8:3 "Man shall not live on bread alone, but on every word that comes from the mouth of God." Also in Matt 4: 4

2. When the devil tried to misinterpret what the God's word said. He quoted, Deut 6:

16 " Do not put the Lord your God to the test". Matt 4: 7, "Thou shalt not tempt the Lord thy God."

3. When Satan misrepresent himself as God, the Lord answered quoting Exodus 20:4-5 " Thou shalt not make unto thee any graven image, or any likeness of anything that is in heaven above, or that is in the earth beneath, or that is in the water under the earth: Thou shalt not bow down thyself to them, nor serve them." Matt 4: 10 Jesus said to him, "Away from me, Satan! For it is written: 'Worship the Lord your God, and serve him only.'

II. What can we learn from this?

A. God's word is essential for man.

1. Man needs food to have physical growth but he also needs to know the word of God for his spiritual growth. Matt 4: 4.

2. We need to study the word of God for our spiritual life. B. How Jesus resisted Satan.

1. The bible says in James 4: 7 " Resist the devil, and he will flee from you."

2. The devil left Jesus when He resisted Satan. Matt 4: 11, "Then the devil leaveth him, and, behold, angels came and ministered unto him.."

C. We shall be strong on God's word.

1. Satan the tempter has knowledge of the scripture.

2. He is cunning and devious. He will try to tempt us when we are vulnerable.

3. We need to be sound in our scriptures and stand firm on the word of God.

**Conclusion**

1. Satan from the beginning of creation has been attempting to take God's people away from God.
2. Sometimes he is successful, sometimes he isn't.
3. He was successful with Eve but unsuccessful with Job.
4. From the ordeal between Satan and Jesus Christ, we can learn that Satan didn't fall short to attempt to tempt the creator to sin.
5. Jesus Christ has resisted the temptation by staying right with scriptures and standing right with God.
6. Satan will try to tempt every one of us. We need to stand how Jesus stood firmly on the scriptures.
7. We need to resist Satan and he will flee from us. James 4:7.

❃ ❃ ❃

# My Prayer

*I asked strength*
*And God gave Difficulties*
*to make me strong.*

*I asked for wisdom*
*And God gave me problems*
*to solve.*

*I asked for prosperity*
*And God gave me a Brain*
*and Brawn to work.*

*I asked for love*
*And God gave me troubled*
*people to help.*

*I asked for favours*
*And God game me opportunities*
*I received nothing I asked for*
*Yet everything I needed.*

***(Unknown)***

## ***Discussion:***

**I. God's blessing over Israel.**

1. It originated from God.(Num.6:22).

2. It was to be pronounced by the priests, Aaron and his sons. (Num.6:23).

3. The blessings that were to be sought are:

a. To God to bless and keep them. (Num.6:24).

b. To make His face shine upon them. (Num.6:25).

c. To lift up His countenance on Thee. (Num.6:26).

d. To be gracious upon them and give them peace. (Num.6:26).

4. The results of this priestly action were:

a. They would entreat God's name on Israel. (Num.6:27a).

b. They would concede their reliance on God.

c. When the priests prayed this blessing, the Lord will bless them. (Num.6:27b).

**II. God's blessings for Christians.**

1. His blessings are crucial.

a. His grace. (2Cor.13:14).

b. His love.(John.3:16).

c. His son. (John.3:17).

2. Intercession is through Christ.

a. In Mosaic age the high priests interceded for Israel.

b. In Christian age Christ is the High priest.

c. He intercedes on our behalf before the throne of God. (1 Tim.2:5).

d. He made us the priests. (1 Pet.2:9).

3. Blessings can be sought in prayer.

a. Christ encouraged us to pray to the Lord. (Matt.7:7)

b. Ask and it will be given unto you. (Matt.7:7).

c. Our Father in heaven will give good things. (Matt.7:11).

d. We need to spend time in prayer about each other. (Jas.5:16)

**III. Lessons we can learn.**

1. God gave the greatest assurances to Israel.

2. Whenever the priests gave the blessings upon the Israel the Lord blessed Israel.

3. Even during their rebellion the plagues were stalled when the priest made the atonement.

a. Atonement by Aaron. (Num.16:47)

b. Atonement by Phinehas. (Num.25:7,8).

4. The sin of Israel, lack of faith and rebellion against God's word they lost their place in the Promised Land.(Num.14: 34 – 37).

5. As Christians we have great promises from the Lord.

6. Nothing can separate us from God's promise to us. (Rom.8:39).

7. We separate ourselves from those promises by:

a. Our sin. (Rom.3:23).

b. Our disobedience. (1 John.3:4).

## *Conclusion*

1. God blessed Israel tremendously.

2. God gave them provisions through the priests to obtain those blessings.

3. Israel rebelled and got cursed by the Lord and lost their inheritance.

4. The same Lord has given Christians greater blessings.

5. We are not to disobey the commandments of the Lord.

6. Lest He may disown us and we lose the promise of eternal life.

***Ronnie Gootam.***

**Printed Book Only**

From :

SATYA VANI
P.O. Box 80,
Kakinada - 533 001

To

(FOR PRIVATE CIRCULATION ONLY)